aglasem.com

FOR AP CLASS 10 PREPARATION

# AP SSC Model Paper 2027 Odia First Language - Model Paper 2

| EXAM | YEAR | TYPE | SUBJECT |
| --- | --- | --- | --- |
| AP Class 10 | 2027 | Sample Paper | Odia |

01 'O' & 02 'O'

# MODEL PAPER - 2
# SSC PUBLIC EXAMINATIONS - 2026 -27

**(BY THE DIRECTOR OF GOVERNMENT EXAMINATIONS (S.S.C BOARD), A.P)**

**First Language - ODIA**

**X Class]** **(Max. Marks: 100)** **[Time: 3:15 Hrs.**

**ଶୀକ୍ଷାର୍ଥୀଙ୍କୁ ସୂଚନା :**

1. ପ୍ରଶ୍ନପତ୍ରରେ ତିନୋଟି ବିଭାଗ ରହିଛି ।
2. ପ୍ରଶ୍ନପତ୍ର ପଢ଼ିବା ପାଇଁ 15 ମିନିଟ୍ ଓ ଉତ୍ତର ଲେଖିବା ପାଇଁ 3 ମାର୍କ ସମୟ ଦିଆଯାଇଛି ।
3. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ତୁମକୁ ଦିଆଯାଇଥିବା ଖାତାରେ ସ୍ପଷ୍ଟ ଓ ସୁନ୍ଦର ଭାବେ ଲେଖ ।
4. ପ୍ରତ୍ୟେକ ପ୍ରଶ୍ନର ନମ୍ବର ଉତ୍ତରର ବାମ ପାର୍ଶ୍ୱରେ ଲେଖ ।

## ବିଭାଗ – 1

## I. ଅବବୋଧ **(60 ମାର୍କ)**

*** ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ନିର୍ଦ୍ଦେଶାନୁସାରେ ଲେଖ ।**

**1. ଯେକୌଣସି ଗୋଟିଏ ପଦ୍ୟାଂଶର ପ୍ରତିପଦାର୍ଥ ଲେଖ । (8 ମାର୍କ)**

ବିହାୟସେ ବିହରି ସାଗର ଜିଣି ଯାଇ
ବର୍ତ୍ତକ ସ୍ୱରୂପ ଧୃତ କେଁ କେଁ ଟିହୋ କହି ଯେ ।
ବିଖ୍ୟାତ କରୁ ବିଂଶତିକର କହିବାର
ବୋଧ ଉଭୟ ଭୟରେ ପଳାଇ ସତ୍ୱର ଯେ ।

**(କିମ୍ବା)**

ସମୀର ସଙ୍ଗୀତ ଗାଏ, ଭ୍ରମର ବୀଣା ବଜାଏ,
ସୁରଭି ନର୍ତ୍ତନେ ଥାଏ ଉଷା ନିର୍ଦ୍ଦେଶେ,
କୁହାଟୁଆ ହୋଇ ଭାଟ ଆରମ୍ଭିଲା ସ୍ତୁବ ପାଠ
କଳିଙ୍ଗ ଅଇଲା ପାଟ ମାଗଧ ବେଶେ,
ଲଳିତ ମଧୁରେ କହିଲା,
''ଉଠ ସତୀ ରାଜ୍ୟ–ରାଣୀ, ରାତି ପାହିଲା ।''

***[Turn Over***



aglasem.com For more Question Papers, Sample Papers, Notes & Syllabus visit aglasem.com

**2. ନିମ୍ନ ପରିଚିତ ଗଦ୍ୟାଂଶଟି ପଢ଼ି, ପ୍ରଦତ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।**

**(8 ମାର୍କ)**

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର 1888 ମସିହା, ଡିସେମ୍ବର 9 ତାରିଖ, ମାଣବସା ଗୁରୁବାର ଦିନ କଟକ ସହର ଧୂଆଁପତ୍ରିଆ ଗଳି, ବାଖରାବାଦର ଏକ ଗୃହରେ ଜନ୍ମଗ୍ରହଣ କରିଥିଲେ । ମାଣମାସ ଗୁରୁବାରରେ ଜନ୍ମିଥିବାରୁ ତାଙ୍କର ନାମକରଣ କରାଯାଇଥିଲା ଲକ୍ଷ୍ମୀକାନ୍ତ । ତାଙ୍କ ପିତା, ଚୌଧୁରୀ ଭାଗବତ ପ୍ରସାଦ ସାମନ୍ତରାୟ ମହାପାତ୍ର ଭଦ୍ରକ ସହରର ଦଶ ମାଇଲ ପୂର୍ବଦିଗରେ ଅବସ୍ଥିତ ତାଳପଦା ଗ୍ରାମର ବାସିନ୍ଦା ଓ ଜମିଦାର ଥିଲେ । ତାଙ୍କ ମାତା ରାଧାମଣି ଥିଲେ କଣ୍ଟାପଡ଼ା ଜମିଦାରଙ୍କ କନ୍ୟା ।

**ପ୍ରଶ୍ନ :** କ) ଲକ୍ଷ୍ମୀକାନ୍ତ କେଉଁଠି ଜନ୍ମଲାଭ କରିଥିଲେ ?

ଖ) କାନ୍ତକବିଙ୍କ ନାମ ଲକ୍ଷ୍ମୀକାନ୍ତ ରଖାଯାଇଥିଲା କାହିଁକି ?

ଗ) କାନ୍ତକବିଙ୍କ ପିତାଙ୍କ ନାମ କ'ଣ ?

ଘ) ଲକ୍ଷ୍ମୀକାନ୍ତଙ୍କ ମାତା କାହାର କନ୍ୟା ଥିଲେ ?

**3 . ନିମ୍ନ ପ୍ରଦତ୍ତ ଘଟଣାଗୁଡ଼ିକ କେଉଁ ଗଳ୍ପରୁ ଆସିଛି ତା'ର ନାମ ସଂପୂର୍ଣ୍ଣ ବାକ୍ୟରେ ଲେଖ ।** **(8 ମାର୍କ)**

କ) ''କାଠ କଟାଳିକୁ କହିଲି ''ଯା ଯା ଏଥର କାଟ୍, ପୁଅ ତ କହିଦେଲାଣି ।''

ଖ) ଅଙ୍ଗଦ ଚୌଧୁରୀ ଇତିହାସର ଛାତ୍ର ।

ଗ) ବସ୍‌ଷ୍ଟେଣ୍ଡରେ ପହଞ୍ଚିଲା ବେଳକୁ ସରକାର ବସ୍‌ଟି, କେତେବେଳୁ ଛାଡ଼ି ଦେଲାଣି ।

ଘ) କୁରୁବକୀ ନିଜେ ଆସନ ଗ୍ରହଣ କରି ଅନ୍ୟମାନଙ୍କୁ ବସିବାକୁ ନିର୍ଦ୍ଦେଶ ଦେଲେ ।

*** ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଅନ୍ୟୂନ ଚାରି କିମ୍ବା ପାଞ୍ଚ ବାକ୍ୟରେ ଲେଖ ।**

**(3x4= 12 ମାର୍କ )**

4 . କବି ଅନନ୍ତ ପଟ୍ଟନାୟକଙ୍କ ପରିଚୟ ପ୍ରଦାନ କର ।

5 . ''ନରେନ୍‌ରୁ ବିବେକାନନ୍ଦ'' ପ୍ରବନ୍ଧର ପୃଷ୍ଠଭୂମି ଲେଖ ।

6 . କୁରୁବାକୀଙ୍କ ଚରିତ୍ର ଚିତ୍ରଣ କର ।

***[Turn Over***

*** ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ନିର୍ଦ୍ଦେଶାନୁସାରେ ଚିହ୍ନଟ କର । (5x2 =10 ମାର୍କ)**

7. କ] ଚୂର୍ଣ୍ଣ କରୁରେ ସ୍ୟନ୍ଦନ ତବ – ପୀଡ଼ନର ପରବତ । **(2x1 =2 ମାର୍କ)**

**[ଏହି ପଦ୍ୟାଂଶର 'ସ୍ୟନ୍ଦନ' ଶବ୍ଦଟିର ଅର୍ଥ ବାଛି ଲେଖ । ]**

ଅ) ସକ୍ରିୟ ଆ) ରଥ ଇ) ବ୍ୟଗ୍ର ଈ) ପ୍ରତିକ୍ରିୟା

ଖ] କୃଷକମାନେ ଲଙ୍ଗଳ ମୁନରେ ଧରଣୀର ବକ୍ଷ ଚିରି ନୂଆ ମେଘକୁ ଚାହିଁ ରହନ୍ତି ।

**[ଏଥିରେ ଥିବା ''ଧରଣୀ'' ଶବ୍ଦଟିର ପ୍ରତିଶବ୍ଦ ବାଛି ଲେଖ । ]**

ଅ) ଆକାଶ ଆ) ବାୟୁ ଇ) ପୃଥିବୀ ଈ) ଅଗ୍ନି

8. କ] ଶଙ୍କିତ ହେଉ କଂପିତ ପ୍ରାଣ–ଚନ୍ଦ୍ର ତପନ ତାରା । **(2x1 =2 ମାର୍କ)**

**[ଏଥିରେ ଥିବା ''ତପନ'' ଶବ୍ଦଟିର ପ୍ରତିଶବ୍ଦ ବାଛି ଲେଖ ।]**

ଅ) ଭାସ୍କର ଆ) ହରି ଇ) ନୀଳାମ୍ବର ଈ) ଜଳନ୍ଧର

ଖ] ମୁଁ ଶତଚେଷ୍ଟା କଲେ ମଧ୍ୟ ତା'ର ପୂର୍ବ ପ୍ରତ୍ୟୟ ଆଉ ଫେରିପାଏ ନାହିଁ ।

**[ଏଥିରେ ଥିବା 'ପ୍ରତ୍ୟୟ' ଶବ୍ଦଟିର ପ୍ରତିଶବ୍ଦ ବାଛି ଲେଖ । ]**

ଅ) ବିଶ୍ୱାସ ଆ) ପରିଚୟ ଇ) ପ୍ରମାଣ ଈ) ପ୍ରଧାନ

9. କ] ବୁଡ଼ିଗଲା ପକାଇଲେ କପି ଯେତେ ଗିରି – **(2x1 =2 ମାର୍କ)**

**[ଏଥିରେ ଥିବା 'କପି' ଶବ୍ଦଟିର ଦୁଇଟି ଭିନ୍ନାର୍ଥ ବାଛି ଲେଖ ।]**

ଅ) ମାଙ୍କଡ଼, ଦେଖଲେଖା ଆ) ମର୍କଟ, ପଢ଼ିବା

ଇ) ମର୍ଦ୍ଦାର, ଅଭ୍ୟାସ ଈ) ହନୁ, ସମୀକ୍ଷା

ଖ] ଗରିବ ପ୍ରଜାର ଇଚ୍ଛା ଥିଲେ ମଧ୍ୟ ସତ୍‌କାର୍ଯ୍ୟ କରିବାର ପ୍ରତାପ ନାହିଁ ।

**[ ଏଥିରେ ଥିବା 'ପ୍ରତାପ' ଶବ୍ଦଟିର ଦୁଇଟି ଭିନ୍ନାର୍ଥ ବାଛି ଲେଖ । ]**

ଅ) ନାମ, ଶକ୍ତି ଆ) ସାହସ, ସଞ୍ଚୟ

ଇ) ବଳ, ବୀର୍ଯ୍ୟ ଈ) ଧୈର୍ଯ୍ୟ, ସାହସ



aglasem.com For more Question Papers, Sample Papers, Notes & Syllabus visit aglasem.com 

10. କ] ଯେ ରଡ଼ି ସହିଲେ ଟୁରେ ହୋଇବୁ ଅଜ୍ର ଅମ୍ବର । **(2x1 =2 ମାର୍କ)**

**[ ଏଥିରେ ଥିବା ''ଅଜ୍ର ଅମ୍ବର'' ଶବ୍ଦର ସନ୍ଧିଶବ୍ଦ ବାଛି ଲେଖ । ]**

ଅ) ଅଜ୍ରାମ୍ବର ଆ) ଅଜ୍ରମ୍ବର ଇ) ଅଜ୍ରାମ୍ବରା ଈ) ଅଜ୍ରାମ୍ବର

ଖ] ଜଡ଼ ବିଜ୍ଞାନ ଓ ଜୀବବିଜ୍ଞାନ ସଂଯୋଗରୁ ନାନା ବିଭାଗ ସୃଷ୍ଟି ହୋଇଛି ।

**[ ଏଥିରେ ଥିବା 'ସଂଯୋଗ' ଶବ୍ଦଟିର ସନ୍ଧିବିଚ୍ଛେଦ ବାଛି ଲେଖ । ]**

ଅ) ସଂ + ଯୋଗ ଆ) ସମ୍ + ଯୋଗ

ଇ) ସମଂ + ଯୋଗଇ ଈ) ସ + ଯୋଗ

11. କ] ବିରସକୁ ମନ୍ଦ କରି ମନ୍ଦାହାସ ଜନ୍ମେ । **(2x1 =2 ମାର୍କ)**

**[ଏଥିରେ ଥିବା ''ବିରସ'' ଶବ୍ଦଟିର ବିପରୀତାର୍ଥବୋଧକ ଶବ୍ଦ ବାଛି ଲେଖ । ]**

ଅ) ହରସ ଆ) ସରସ ଇ) ପରଣ ଈ) ହସ

ଖ] ଏହି ବିଶାଳ ପୃଥିବୀରେ ଭାରତର ସ୍ଥାନ ସ୍ୱତନ୍ତ୍ର ।

**[ଏଥିରେ ଥିବା ''ବିଶାଳ'' ଶବ୍ଦଟିର ବିପରୀତାର୍ଥବୋଧକ ଶବ୍ଦ ବାଛି ଲେଖ । ]**

ଅ) କ୍ଷୁଦ୍ର ଆ) ଅବିଶାଳ ଇ) ବୃହତ୍ତ ଈ) ଅସୀମ

*** ନିମ୍ନ ପ୍ରଦତ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ନିର୍ଦ୍ଦେଶାନୁସାରେ ଚିହ୍ନଟ କରି ଲେଖ ।**

**(5x1 =5 ମାର୍କ )**

12. People of different religions live in India. **(1 ମାର୍କ)**

**[ଏହି ଇଂରାଜୀ ବାକ୍ୟକୁ ଓଡ଼ିଆରେ ଅନୁବାଦ କଲେ ଏହା ଠିକ୍ ହେବ । ]**

ଅ) ଭାରତରେ ବିଭିନ୍ନ ଅଞ୍ଚଳରେ ଲୋକେ ବାସ କରନ୍ତି ।

ଆ) ଭାରତରେ ବିଭିନ୍ନ ଧର୍ମର ଲୋକେ ବାସ କରନ୍ତି ।

ଇ) ଭାରତରେ ବିଭିନ୍ନ ଜାତିର ଲୋକେ ବାସ କରନ୍ତି ।

ଈ) ଭାରତରେ ବିଭିନ୍ନ ଭାଷାର ଲୋକେ ବାସ କରନ୍ତି ।

13. **ନିମ୍ନୋକ୍ତ ବାକ୍ୟ ମଧ୍ୟରୁ ଜଟିଳ ବାକ୍ୟଟିକୁ ଚିହ୍ନଟ କରି ଲେଖ ।** **(1 ମାର୍କ)**

ଅ) ଗୋପବନ୍ଧୁ ଦରିଦ୍ରମାନଙ୍କର ସେବା କରନ୍ତି ।

ଆ) ପ୍ରଣବ ଜଣେ ଶିଳ୍ପୀ ।

ଇ) ଶିକ୍ଷକ ଡାକିଲେ, ମାନସୀ ଏବଂ ସବିତା ଗୀତ ଗାଇଲେ ।

ଈ) କାଲିର କାମ ଯଦି ଆଜି କରୁଚ ତେବେ, ଆଜିର କାମ ଏବେ କର ।

14. **ବାକ୍ୟର ପ୍ରକାର୍ଯ୍ୟାତ୍ମକ ରୂପ ଦୃଷ୍ଟିରୁ ପ୍ରଶ୍ନସୂଚକ ବାକ୍ୟଟିକୁ ଚିହ୍ନଟ କରି ଲେଖ ।** **(1 ମାର୍କ)**

ଅ) ତୁମ ବିଦ୍ୟାଳୟ କେବେ ଖୋଲିବ ?

ଆ) ଏ ବର୍ଷ ପ୍ରବଳ ଶୀତ ହୋଇଛି ।

ଇ ) ବାପା ଏତେ ଟଙ୍କା ଦେଲେ !

ଈ) ଗୀତା ଦ୍ୱାରା ଏ କାମ କେବେ ବି ହେବ ନାହିଁ ।

15. ବାକ୍ୟର ଗଠନଗତ ରୂପାନ୍ତର ଦୃଷ୍ଟିରୁ ସରଳ ବାକ୍ୟଟିକୁ ବାଛି ଲେଖ । **(1 ମାର୍କ)**

ଅ) ଯେହେତୁ ଜେଜେ ଆସିଛନ୍ତି, ତେଣୁ ଆମେ ଖୁସି ଅଛୁ ।

ଆ) ଜେଜେ ଆସିଛନ୍ତି ଓ ଆମେ ସମସ୍ତେ ଖୁସିରେ ଅଛୁ ।

ଇ) ଜେଜେ ଆସିବା ହେତୁ ଆମେ ସମସ୍ତେ ଖୁସି ଅଛୁ ।

ଈ) ଜେଜେ ଆସିବି ବୋଲି କହିଲେ କିନ୍ତୁ ଆସିଲେ ନାହିଁ ।

16. ବର ଓ କନ୍ୟା ଦୁଇଜଣଯାକ ବେଦିରେ ବସିଛନ୍ତି । **(1 ମାର୍କ)**

**[ ଏହି ବାକ୍ୟଟିକୁ ସଂକ୍ଷେପରେ ଲେଖିଲେ ଏହା ଠିକ୍ ହେବ । ]**

କ) ବରକନ୍ୟା ଦୁଇଜଣଯାକ ବସିଛନ୍ତି ।

ଖ) ଦମ୍ପତି ଉଭୟେ ବେଦିରେ ବସିଛନ୍ତି ।

ଗ) ସ୍ୱାମୀ ଓ ସ୍ତ୍ରୀ ବେଦିରେ ବସିଛନ୍ତି ।

ଘ) ବରକନ୍ୟା ଉଭୟ ବେଦିରେ ବସିଛନ୍ତି ।

***[Turn Over***



aglasem.com For more Question Papers, Sample Papers, Notes & Syllabus visit aglasem.com

*** ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ନିର୍ଦ୍ଦେଶାନୁସାରେ ଲେଖ ।** **(9x1 =9 ମାର୍କ )**

17. କପାଳ ଲିଖନକୁ କିଏ ବା ବଦଳାଇ ପାରିବେ । **(1 ମାର୍କ)**

**[ ଏହି ବାକ୍ୟରେ ଥିବା ରୂଢ଼ିଟିକୁ ଚିହ୍ନଟ କରି ଲେଖ । ]**

18. ଆମ ପୌରାଣିକ ଗାଥାର ବୈଶିଷ୍ଟ୍ୟ ଅନନ୍ୟ । **(1 ମାର୍କ)**

**[ ଏଥିରେ ଥିବା 'ପୌରାଣିକ' ଶବ୍ଦଟିର ପ୍ରକୃତି ପ୍ରତ୍ୟୟ ଲେଖ । ]**

19. ଅନେକ ରାଜା ବିବେକାନନ୍ଦଙ୍କ ଶିଷ୍ୟତ୍ୱ ଗ୍ରହଣ କରିଥିଲେ । **(1 ମାର୍କ)**

**[ ଏଥିରେ ଥିବା 'ରାଜା' ଶବ୍ଦଟିର ସ୍ତ୍ରୀଲିଙ୍ଗ ଶବ୍ଦ ଲେଖ । ]**

20. ବିଦ୍ୟାଶ୍ରୀ ଭୂବନେଶ୍ୱର ଯାଇଥିଲେ । **(1 ମାର୍କ)**

**[ ଏହି ବାକ୍ୟରେ ଥିବା ଅଶୁଦ୍ଧ ଶବ୍ଦଟିକୁ ଚିହ୍ନଟ କରି ଶୁଦ୍ଧ କରି ଲେଖ । ]**

21. 'କରୁଣ' ଶବ୍ଦରେ 'ନ୍' କେଉଁ କାରଣରୁ 'ଣ' ହେଲା ? **(1 ମାର୍କ)**

22. ଛେଳି ଗୀତ ଗାଉଛି । **(1 ମାର୍କ)**

**[ ଏହି ବାକ୍ୟଟିରେ କେଉଁ ଲକ୍ଷଣଟିର ଅଭାବ ରହିଛି ? ]**

23. ରାମ ରାବଣକୁ ହତ୍ୟା କରିଥିଲେ । **(1 ମାର୍କ)**

**[ ଏହି ବାକ୍ୟଟିରେ ଥିବା କ୍ରିୟାପଦଟିକୁ ବାଛି ଲେଖ । ]**

24. ଲଙ୍କାରେ ପୁଣି ହରି ଶବ୍ଦ ! **(1 ମାର୍କ)**

**[ଏହି ବାକ୍ୟଟିକୁ ଅର୍ଥଗତ ରୂପାନ୍ତର ଦୃଷ୍ଟିରୁ ନାସ୍ତି ସୂଚକ ବାକ୍ୟରେ ପ୍ରକାଶ କର । ]**

25. ମାଆ ରାନ୍ଧୁଛନ୍ତି । **(1 ମାର୍କ)**

**[ ଏହି କର୍ତ୍ତୃବାଚ୍ୟକୁ ଭାବ ବାଚ୍ୟରେ ପ୍ରକାଶ କର । ]**

## ବିଭାଗ – 2

**II. ସମ୍ବେଦନଶୀଳତା।** **(20 ମାର୍କ )**

*** ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଅନ୍ୟୂନ ଆଠ କିମ୍ବା ଦଶ ବାକ୍ୟରେ ଲେଖ ।**

**(2x8 = 16 ମାର୍କ )**

26. 'ବନ୍ଦେ ଉତ୍କଳ ଜନନୀ' କବିତାରୁ ଉତ୍କଳର ବୈଶିଷ୍ଟ୍ୟ ଉଲ୍ଲେଖ କର ।

**(କିମ୍ବା)**

ମାଟି 'ସର୍ବଂସହା'' ଏହାର ଯଥାର୍ଥତା ପ୍ରତିପାଦନ କର ।

2 7 .ସଭ୍ୟତାର ବିକାଶରେ ବିଜ୍ଞାନର ଥିବା ଅବଦାନ ପଠିତ ପ୍ରବନ୍ଧ ଅନୁସରଣରେ ଆଲୋଚନା କର ।

**(କିମ୍ବା)**

'ଜନ୍ମଭୂମି' ପ୍ରବନ୍ଧରେ ଲେଖକ ଶିକ୍ଷିତ ସମାଜକୁ କି ପରାମର୍ଶ ଦେଇଛନ୍ତି ନିଜ ଭାଷାରେ ଲେଖ ।

*** ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ନିର୍ଦ୍ଦେଶାନୁସାରେ ଲେଖ ।** **(2x2 = 4 ମାର୍କ)**

28. ''ବାବୁ ନାକଶିରୀଦାନ ଯୋଗ୍ୟ ଯୋଷାକୁ **(2 ମାର୍କ)**

ବିହର କାନନ କର ଆଲିଙ୍ଗନକୁ''

**[ଏହି ପଦ୍ୟାଂଶରେ କେଉଁ ଅଳଙ୍କାର ପ୍ରଯୁକ୍ତ ହୋଇଛି ତା'ର ନାମ ଲେଖ । ]**

29. **'ରାମକେରୀ'** କିମ୍ବା **'ବଙ୍ଗଳାଶ୍ରୀ'** ଛନ୍ଦର ଯତିପାତ ନିୟମ ଲେଖ । **(2 ମାର୍କ)**



aglasem.com For more Question Papers, Sample Papers, Notes & Syllabus visit aglasem.com 

## ବିଭାଗ – 3

## III. ସୃଜନଶୀଳତା। (20 ମାର୍କ )

*** ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଅନ୍ୟୂନ ଆଠ କିମ୍ବା ଦଶ ବାକ୍ୟରେ ଲେଖ ।**

**(2x8 = 16 ମାର୍କ )**

30. 'ଜାଗବନ୍ଧନ ହରା' କବିତାରେ କବି ନବଯୁଗର ତରୁଣମାନଙ୍କୁ ଯୁଗର ଆହ୍ୱାନ ସମ୍ପର୍କରେ କ'ଣ କହିଛନ୍ତି ଜଣାଇ ବନ୍ଧୁଙ୍କ ନିକଟକୁ ଏକ ପତ୍ର ଲେଖ ।

**(କିମ୍ବା)**

'ଜନଜୀବନରେ ମାତୃଭାଷାର ଆବଶ୍ୟକତା' – ଏହି ପ୍ରସଙ୍ଗରେ ଏକ ପ୍ରବନ୍ଧ ଲେଖ ।

31. 'ଫଲ୍‌ଗୁ' ଏକାଙ୍କିକାରେ ଗୋଟିଏ ମଧ୍ୟବିତ୍ତ ପରିବାରର ଚିତ୍ର କିପରି ଚିତ୍ରିତ ହୋଇଛି ବର୍ଣ୍ଣନା କର ।

**(କିମ୍ବା)**

'କୋଣାର୍କ' ଏକାଙ୍କିକାର ସାରମର୍ମ ନିଜ ଭାଷାରେ ଲେଖ ।

*** ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ନିର୍ଦ୍ଦେଶାନୁସାରେ ଲେଖ ।** **(2x2 = 4 ମାର୍କ)**

32. **'ଅହନିକୁଳ ସମ୍ପର୍କ'** – ଏହ ରୂଢ଼ିଟି ବ୍ୟବହାର କରି ବାକ୍ୟ ଗଠନ କର । **(2 ମାର୍କ)**

33. ଧୀର ସ୍ଥିର ଭାବେ କାର୍ଯ୍ୟ କଲେ ସଫଳତା ମିଳେ । **(2 ମାର୍କ)**

**[ ଏହି ଅର୍ଥରେ ବ୍ୟବହୃତ ଲୋକବାଣୀଟି ଲେଖ । ]**

********